# Akashvani, Sambalpur

## SAMBALPURI NEWS BULLETIN

### 6 April 2024- 6.47- 6.52 am.

*******************************************

ଜଳବିଦ୍ୟୁତ୍ ଉତ୍ପାଦନ୍ ପି.ଆଇ.ବି.

ଦେଶେ ଜଳବିଦ୍ୟୁତ୍ ଉତ୍ପାଦନ୍ କ୍ଷମତା ୪୨ ଗିଗାୱାଟ୍‌ନୁ ଆଏବା ୨୦୩୦ -୩୨ ବରସ୍‌ତକ୍ ୬୭ ଗିଗାୱାଟ୍‌ତକ୍ ବଢ଼୍‌ବା । ଯେନ୍‌ଟାକି ଇହାଦେର୍ ଜଳବିଦ୍ୟୁତ୍ କ୍ଷମତାନୁ ଅଧାଗୁଣ୍ ହେବା ବଲି କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ତରଫୁ କୁହାଯାଇଛେ । ହେନ୍ତା ଇହାଦେ ଦେଶେ ୧୫ ଗିଗାୱାଟ୍ କ୍ଷମତାର୍ ଜଳବିଦ୍ୟୁତ୍ ପ୍ରକଳ୍ପର୍ ନିର୍ମାଣ୍ କାମ୍ ଚାଲିଛେ । ଭାରତୀୟ ପାଣିପାଗ୍ ବିଭାଗ୍ ଇ ଆର୍ଥିକ୍ ବଛ୍‌ରେ ଅଏତ୍‌କା ବର୍ଷା ହେବା ବଲି ଅନୁମାନ୍ କରିଥିବାର୍‌ନୁ ଜଳବିଦ୍ୟୁତ୍ ପ୍ରକଳ୍ପ ମାନ୍‌କୁ ସହାୟକ ହେବା । ପମ୍ପ୍ ଷ୍ଟୋରେଜ୍ ପ୍ରୋଜେକ୍ଟ - ପିଏସ୍‌ପି ମାନ୍‌କର୍ ବିକାଶ୍ ଆଉ ଗ୍ରୀଡ୍ ମାନ୍‌କୁ ସନ୍ତୁଳିତ ବିଦ୍ୟୁତ୍ ଶକ୍ତି ପହଁଚାବାର୍ ଲାଗି ଦେଶେ ବିଦ୍ୟୁତ୍ ସଂଚାରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛେ । ୱାଟର୍ ବେଟ୍‌ରୀ ଭାବେ ପରିଚିତ ଇ ବ୍ୟବସ୍ଥାକେ ସ୍ୱଚ୍ଛ ଉର୍ଜା ସିଷ୍ଟମ୍ ଥି

ସାମିଲ୍ କରାଯାଇଛେ । ଇହାଦେ ୨ ଦଶ୍ମିକ୍ ୭ ଗିଗାଓ୍ୱାଟ୍ କ୍ଷମତାର ପମ୍ପ୍ ଷ୍ଟୋରେଜ୍ ପ୍ରକଳ୍ପ ବନାବାର୍ କାମ୍ ଚାଲିଥିବାର୍ ବେଲେ ଆହୁରି ୫୦ ଗିଗାଓ୍ୱାଟ୍‌ର ପ୍ରକଳ୍ପ ଭିନ୍ ଭିନ୍ ସ୍ତର୍‌ଥି ଅଛେ ବଲି ମନ୍ତ୍ରଣାଲୟ ତର୍ଫୁ କୁହାଯାଇଛେ ।

ଆନ୍ତର୍ଜାତୀୟ ଯୋଗ ଦିବସ୍-୨୦୨୪ ପି.ଆଇ.ବି.

ଆନ୍ତର୍ଜାତୀୟ ଯୋଗ ଦିବସ୍-୨୦୨୪ର ଶହେ ଦିନ୍‌ର କାଉଂଟ୍‌ଡାଉନ୍ ଅବ୍‌ସରେ ଆଏବାକାଏଲ୍ ମହାରାଷ୍ଟ୍ରର୍ ପୁନେ ଠାନେ ୭୫ ନମ୍ବର୍ ଦିନ୍‌ର କାଉଂଟ୍‌ଡାଉନ୍‌ଥି ୫ ହଜାର୍‌ନୁ ଅଏତ୍‌କା ଯୋଗପ୍ରେମୀ ଅଂଶଗ୍ରହଣ୍ କର୍‌ବେ । ସାମଗ୍ରୀକ ସ୍ୱାସ୍ଥ୍ୟ ଆଉ କଲ୍ୟାଣ୍ ଆଭିମୁଖ୍ୟ ଉପ୍‌ରେ ଜୋର୍ ଦେବାର୍ ସହେତେ ଯୋଗର ଶକ୍ତିକେ ନଜର୍‌ଥି ରଖିକରି ଇ ମହୋତ୍ସବ୍‌ଥି ଗ୍ରାମପ୍ରଧାନ୍, ଅଙ୍ଗନବାଡ଼ି ଆଉ ଆଶା କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ, ଆୟୁସ୍ ସ୍ୱାସ୍ଥ୍ୟ କଲ୍ୟାଣ୍ କେନ୍ଦ୍ର ମହିଳା କଲ୍ୟାଣ ସଂଗଠନ୍, ସ୍କୁଲ୍ ଛାତ୍ରଛାତ୍ରୀ ଆଉ ଅଲ୍‌ଗାମାନେ ଅଂଶଗ୍ରହଣ୍ କର୍‌ବେ ବଲି ଜନାପଡ଼ିଛେ । ଆୟୁସ୍ ମନ୍ତ୍ରଣାଲୟ - ମୋରାର୍‌ଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ୍ ସାଙ୍ଗେ ମିଶିକରି ଗଲାମାସର୍ ୧୩ ତାରିଖିନୁ ଆଏବା ଜୁନ୍ ମାସର୍ ୨୧

ତାରିଖ୍‌ତକ୍ ଦେଶର୍ ଭିନ୍ ଭିନ୍ ବିଶ୍ୱବିଦ୍ୟାଳୟ, ଅନୁଷ୍ଠାନ୍ ଆର୍ କଲେଜ୍‌ର ସାହାଜିଥି 'ଶହେ ଦିନ୍- ଶହେ ସହର୍ ଆଉ ଶହେ ସଂଗଠନ୍ ଅଭିଯାନ୍ ଆୟୋଜନ୍ କରୁଛେ ।

ସ୍କୁଲ୍ କାର୍ଯ୍ୟନିଂଘଟ- ବର୍‌ଗଡ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ବର୍‌ଗଡ୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସ୍କୁଲ୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଆଏଜ୍‌ଠାନୁ ନୂଆଁ ସମୟସାରଣୀ ଲାଗୁ କରାଯାଉଛେ । ୧ ନୁ ୧୨ କ୍ଲାସ୍‌ତକ୍ ଛାତ୍ରଛାତ୍ରୀମାନେ ଏତ୍‌କେ ସଖାଲର୍ ସାଢ଼େ ୬ ନୁ ସାଢ଼େ ୧୦ ବଜେତକ୍ ସ୍କୁଲ୍‌କେ ପଢ଼ିଯିବେ ବଲି ଜିଲ୍ଲାପାଲ୍‌ଙ୍କର୍ ତର୍‌ଫୁ ଜାରି ବିଜ୍ଞପ୍ତିଥି କୁହାଯାଇଛେ । ସବୁ ସ୍କୁଲ୍‌ମାନ୍‌କେ ଓଆର୍‌ଏସ୍ ପେକେଟ୍, ସଫା ପିଇବାର୍ ପାଏନ୍ ଆଉ ଫାଷ୍ଟଏଡ୍ ବକ୍ସର ବ୍ୟବସ୍ଥାର ସୁନିଶ୍ଚିତ୍ କର୍‌ବାର୍ ଲାଗି ଭିଲ୍ ଜିଲ୍ଲାପାଲ୍ କହିଛନ୍ । ହେନ୍ତା ଖୋର୍ଦ୍ଧା ଜିଲ୍ଲାର୍ ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍ ପାଉଥିବା ଆଉ ଘରୋଇ ସ୍କୁଲ୍ ଆର୍ ଅଙ୍ଗନବାଡ଼ି କେନ୍ଦ୍ର ସଖାଲର୍ ସାଢ଼େ ୬ ନୁ ପାଠ୍‌ପଢ଼ା ମୁଲ୍ ହେଇକରି ସାଢ଼େ ୧୦ ବଜେ ଛୁଟି କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ମେଡ଼ିକାଲ୍ କଲେଜ୍ ସ୍ୱତନ୍ତ୍ର ପାଠ୍ୟକ୍ରମ୍ ଆର୍‌ଏନ୍‌ୟୁ / ସମ୍ବଲପୁର

କଟକ୍ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ୍, ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ୍ ଗବେଷଣା ସଂସ୍ଥାନ୍ ଆଉ ବ୍ରହ୍ମପୁର୍‌ର ଏମ୍.କେ.ସି.ଜି. ମେଡ଼ିକାଲ୍ କଲେଜ୍ ନ ନୂଆଁ ସୁପର୍ ସ୍ପେଶାଲିଟି କର୍କଟ ରୋଗ ବିଭାଗ୍ ଖୁଲ୍‌ବା । ଇ ତିନ୍‌ହି ମେଡ଼ିକାଲ୍ କଲେଜ୍ ନ ଡାକ୍ତର୍, ଏମ୍.ଡି. ଆଉ ଏମ୍.ଏସ୍. ପଢ଼୍‌ବାର୍ ଉତ୍‌ରୁ କର୍କଟ ରୋଗ ଚିକିତ୍ସା ଉପ୍‌ରେ ସ୍ୱତନ୍ତ୍ର ଭାବେ ଗୁଟେ ଗୁଟେ ପାଠ୍ୟକ୍ରମ୍ କର୍‌ବେ । ପଛେ ରାଜ୍ୟର୍ ଅଲ୍‌ଗା ମେଡ଼ିକାଲ୍ କଲେଜ୍ ମାନ୍‌କେ ଭିଲ୍ ଇ ପାଠ୍ୟକ୍ରମ୍ ମୁଲ୍ କରାଯିବା । ହେନ୍ତା ୧୧ ଟା ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନାମାନ୍‌କେ କର୍କଟ ରୋଗ ୱିଙ୍ଗ୍‌ସ୍ ଖୁଲ୍‌ବାର୍‌କେ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ତୟାରି କରାଯାଇଛେ । ଇ ବାବ୍‌ଦେ ଅନୁମତି ଦେବାର୍‌କେ ବିଭାଗ୍ ତର୍‌ଫୁ ନେସ୍‌ନାଲ୍ ମେଡ଼ିକାଲ୍ କମିଶନ୍‌ଙ୍କୁ ଚିଠି ଲେଖାଯାଇଥିବାର୍ ଜନାପଡ଼ିଛେ ।

ପ୍ରଧାନ୍ ଶିକ୍ଷକ୍ ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ଛାତ୍ରଛାତ୍ରୀମାନ୍‌କୁ ଗୁଣାତ୍ମକ ଶିକ୍ଷା ଦେବାର୍ ବାବ୍‌ଦେ ଆଲୋଚନାର୍ ଲାଗି ଆଏବା ୧୨ ତାରିଖ୍ ଦିନ ପ୍ରଧାନ୍ ଶିକ୍ଷକ୍ ବୈଠକ୍ କରାଯିବା । ଇ ବାବ୍‌ଦେ ନିର୍ଦ୍ଦେଶାଳୟ ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଚିଠି ଲେଖାଯାଇଛେ । ନାଁଲେଖା, ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପାଉଥିବା ହାଇସ୍କୁଲ୍ ନ ହାଉସ୍ କ୍ଲବ୍ ସିଷ୍ଟମ୍ ଗଠନ୍, ୯ କ୍ଲାସ୍‌ର ଛାତ୍ରଛାତ୍ରୀମାନ୍‌କୁ ମେଟ୍ରିକ୍ ପରୀକ୍ଷାର୍ ଲାଗି ତୟାର୍ କର୍‌ବାର୍ ବାବ୍‌ଦେ ଇ ବୈଠକ୍‌ଥି ଆଲୋଚନା କରାଯିବା ବଲି ଜନାପଡ଼ିଛେ । ହେନ୍ତା ଡ୍ରପ୍‌ଆଉଟ୍ ହାରକେ ପୁରାପୁରି ଶୂନ୍ୟକେ କମାବାର୍ ଲାଗି ଭିଲ୍ ରୂପରେଖ ତିଆର୍ କରାଯିବା ।

ଜିଲ୍ଲାପାଲ୍ ବଦ୍‌ଲି                    ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ଭାରତ୍‌ର ନିର୍ବାଚନ୍ କମିଶନ୍‌ଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ୨ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ଙ୍କୁ ବଦ୍‌ଲି କରିଛନ୍ । ଅରିନ୍ଦମ୍ ଡାକୁଆଙ୍କୁ କଟକ୍ ଜିଲ୍ଲାପାଲ୍ ଆଉ ଅନୁପମ୍ ଶାହାଙ୍କୁ ଜଗତ୍‌ସିଂହପୁର୍‌ର ଜିଲ୍ଲାପାଲ୍ ପଦଥି ଅବସ୍ଥାପିତ୍ କରାଯାଇଛେ । ନିର୍ବାଚନ୍ କମିଶନ୍ ୮ ଝନ୍ ଅଧିକାରୀଙ୍କୁ ଅଣନିର୍ବାଚନ୍ ପଦ୍‌ବୀକେ ବଦ୍‌ଲି କର୍‌ବାର୍‌କେ ଆଗ୍‌ରୁ ଚିଠି ଲେଖିଥିଲେ ।

ପୁରୀ ଜଗନ୍ନାଥ ମନ୍ଦିର୍‌ର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କୁ ପୂର୍ତବିଭାଗ୍‌ର ଅତିରିକ୍ତ ସଚିବ ଭାବେ ବଦ୍‌ଲି କରାଯାଇଛେ ।

ନୂଆଁ ଭୋଟର୍ ସଚେତନତା          ଆର୍‌ଏନ୍‌ୟୁ / ସମ୍ବଲପୁର

ଭୋଟର୍‌ମାନ୍‌କୁ ଭୋଟ୍ ବାବ୍‌ଦର୍ ମୌଳିକ୍ ଜ୍ଞାନ୍ ଦେବାର୍ ଲାଗି ଗଲାକାଏଲ୍ ସମ୍ବଲ୍‌ପୁର୍ ଜିଲ୍ଲା ବୁର୍ଲା ଏନ୍‌ଏସି କଲେଜ୍ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ କରାଯାଇଥିଲା । ସିଷ୍ଟମେଟିକ୍ ଭୋଟର୍ ଶିକ୍ଷା ଆଉ ନିର୍ବାଚନ୍ ଅଂଶଗ୍ରହଣ୍ କାର୍ଯ୍ୟକ୍ରମ୍ - ଏସ୍.ଭି.ଇ.ଇ.ପି. ଜରିଏ ଇ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପ୍ରଶାସନ୍ ଆଉ ନିର୍ବାଚନ୍ କାର୍ଯ୍ୟାଳୟର୍ ଅଧିକାରୀମାନେ ଭୋଟର୍ ତାଲିକାଥି ପଞ୍ଜିକରଣ୍, ଇଭିଏମ୍ ମିସିନ୍ ବେଭାର୍ ବାଗିର୍ ଭିନ୍ ଭିନ୍ ବିଷେଥି ଛାତ୍ରଛାତ୍ରୀମାନ୍‌କୁ ତାଲିମ୍ ଦେଇଥିଲେ ।

ପାଣିପାଗ          ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ଖରା ଜାରି ରହିଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏଜ୍ ରାଜ୍ୟର୍ ବଡ଼ଭାଗୀ ଇଲାକା ନ ଜବର୍ ଖରା ଜାରି ରହେବା । ଜବର୍ ଖରାକେ ନଜର୍‌ଥି ରଖିକରି ବୌଦ୍ଧ, ବଲାଙ୍ଗିର୍ ଆର୍ ଝାର୍‌ସୁଗୁଡ଼ା ସହେତେ ୧୪ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ଗଲାକାଏଲ୍ ରାଜ୍ୟର୍ ୯ ଟା ଜାଗା ନ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିଅସ୍ ପାର୍ କରିଥିଲା । ରାଜ୍ୟର୍ ସବୁନୁ ଜହ ତାପମାତ୍ରା ଭୁବ୍‌ନେଶ୍ୱର୍ ନ ୪୩ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ଥିବାର୍ ବେଲେ ପର୍ଣ୍ଚିମ ଓଡ଼ିଶାର୍ ବୌଦ୍ଧ ନ ସବୁନୁ ଜହ ତାପମାତ୍ରା ୪୨ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା । ସୋନ୍‌ପୁର୍‌କେ ଛାଡ଼ିକରି ପର୍ଣ୍ଚିମ ଓଡ଼ିଶାର୍ ସବୁ ଜାଗାର୍ ତାପମାତ୍ରା ୪୦ ଡିଗ୍ରୀନୁ ଜହ ଥିଲା ।